# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**16 June – 2025**

**********************************

## ମୁଖ୍ୟ ସମ୍ବାଦ

- ଦେଶରେ ଜନଗଣନା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବାହାରିଲା ବିଜ୍ଞପ୍ତି
- ପାଞ୍ଚୋଟି ବିଭାଗର ୯୬୪ ଜଣଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ
- ଝାଡ଼ାବାନ୍ତି ସମ୍ପର୍କରେ ସଚେତନ କରିବା ପାଇଁ ଆଜିଠାରୁ ୪୫ ଦିନିଆ 'ଷ୍ଟପ୍ ଡାଇରିଆ ସଚେତନତା' ଅଭିଯାନ ଆରମ୍ଭ
- ଆସନ୍ତା ଶୁକ୍ରବାରରୁ ଖୋଲିବ ବିଦ୍ୟାଳୟ

ଏବଂ

- ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଅନବସର ପଞ୍ଚମୀ ତିଥିରେ ଆଜି ଲାଗି ହେବ ଫୁଲରୀ ତେଲ ନୀତି

*Desk*

## ଜନଗଣନା

ଜନଗଣନା ବିଜ୍ଞପ୍ତି ଆଜି ପ୍ରକାଶ ପାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଏହି ବିଜ୍ଞପ୍ତିରେ ୨୦୨୭ ମସିହା ମାର୍ଚ୍ଚ ପହିଲାରୁ ଜନଗଣନା କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଛି । ତେବେ ଲଦାଖ, ଜାମ୍ମୁକାଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ୨୦୨୬ ମସିହା ଅକ୍ଟୋବର ପହିଲାର ଜନଗଣନା ଆରମ୍ଭ କରାଯିବ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀଠାରେ ଜନଗଣନା ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ପ୍ରଥମଥର ପାଇଁ ଜାତିଭିତ୍ତିକ ଜନଗଣନା କରାଯିବ । ପ୍ରାୟ ୩୪ ଲକ୍ଷ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ଓ ୧ ଲକ୍ଷ ୩୦ ହଜାର ଜନଗଣନା କାର୍ଯ୍ୟକର୍ତ୍ତା ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଧାରରେ ଏହି ଗଣନା କାର୍ଯ୍ୟ କରିବେ । ଦୁଇଟି ପର୍ଯ୍ୟାୟରେ ଜନଗଣନା କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ମୋବାଇଲ ଆପ୍ଲିକେଶନ ବ୍ୟବହାର ମାଧ୍ୟମରେ ଗଣନା କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି ।

*BBSR/R*

# ନିଯୁକ୍ତିପତ୍ର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ୯୬୪ ଜଣଙ୍କୁ ନିଯୁକ୍ତିପତ୍ର ବାଣ୍ଟିଛନ୍ତି । ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ

୫ଟି ବିଭାଗର ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟ ସରକାରଙ୍କର ଏହା ଦଶମତମ ନିଯୁକ୍ତିମେଳା....

**- V/O -**

ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିବା ବିଭାଗ ଗୁଡ଼ିକ ମଧ୍ୟରେ ପୂର୍ତ୍ତ ବିଭାଗର ୫୬୩, ଜଳସମ୍ପଦ ବିଭାଗର ୬୨, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ୧୧୭, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨୦୪ ଏବଂ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୧୮ ଜଣ ନବନିଯୁକ୍ତ ଅଛନ୍ତି ।

***HS***

## ଯାଜପୁର- ଝାଡ଼ାବାନ୍ତି

ଯାଜପୁର ଏବଂ କେନ୍ଦୁଝର ଜିଲ୍ଲାର କିଛି ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିଥିବାର ଖବର ପ୍ରସାରିତ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅତିସମ୍ବେଦନଶୀଳ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଯାଜପୁର ଜିଲ୍ଲାର ସମସ୍ତ ପାନୀୟ ଜଳ ଉତ୍ସକୁ ଯଥାଶୀଘ୍ର ବିଶୋଧନ କରିବା, ଅନ୍ୟାଦେଶ ପର୍ଯ୍ୟନ୍ତ ରାସ୍ତାକଡ଼ର ଖାଦ୍ୟ ଦୋକାନୀମାନଙ୍କ ଉପରେ କଟକଣା, ଖାଦ୍ୟ ସୁରକ୍ଷା ଯାଞ୍ଚକୁ କଡ଼ାକଡ଼ି କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି । ପଡ଼ୋଶୀ

ଜିଲ୍ଲାକୁ ଯେପରି ଏହି ରୋଗ ନ ବ୍ୟାପିବ ସେଥିପାଇଁ ସେମାନଙ୍କୁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି । ଝାଡ଼ାବାନ୍ତିକୁ ନିୟନ୍ତ୍ରଣରେ ରଖିବା ପାଇଁ ପର୍ଯ୍ୟାପ୍ତ ପରିମାଣର ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ ସହିତ ଡାକ୍ତରୀ ଦଳକୁ ନିୟୋଜିତ କରାଯାଇଛି । ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଅନୁଯାୟୀ, କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରୁ ଡାକ୍ତରୀ ଦଳ ଯାଇ ରୋଗୀମାନଙ୍କ ଚିକିତ୍ସା କରିବା ସହ ପରିସ୍ଥିତି ଉପରେ ନଜର ରଖିଛନ୍ତି ।

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବିଭିନ୍ନ ଜିଲ୍ଲାର ଡାକ୍ତର ଓ ଅନ୍ୟାନ୍ୟ ଅଧିକାରୀମାନଙ୍କ ସହ ନିୟମିତ ଆଲୋଚନା କରି ସ୍ଥିତି ଉପରେ ନଜର ରଖିବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ଆଜିଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ୪୫ ଦିନ ବ୍ୟାପି 'ଷ୍ଟପ୍ ଡାଇରିଆ କ୍ୟାମ୍ପେନ୍' ଅଭିଯାନ ଆରମ୍ଭ ହୋଇଛି ।

*Jajpur*

## ସ୍ୱାସ୍ଥ୍ୟ ସଚିବଙ୍କ ଯାଜପୁର ଗସ୍ତ

ଝାଡ଼ାବାନ୍ତି ରୋଗର ସମୀକ୍ଷା କରିବା ପାଇଁ ଆଜି ସ୍ୱାସ୍ଥ୍ୟ ସଚିବ ଏସ୍.ଆଶ୍ୱଥି ଯାଜପୁର ଜିଲ୍ଲା ଗସ୍ତ କରିଛନ୍ତି । ଆକ୍ରାନ୍ତ ରୋଗୀଙ୍କୁ ବିଭିନ୍ନ ମେଡିକାଲରେ ସାକ୍ଷାତ କରିବା ପରେ ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ କରିଥିଲେ । ଜିଲ୍ଲାରେ ଡାଇରିଆ ସ୍ଥିତିରେ ସୁଧାର ଆସୁଥିବାବେଳେ ଅଧିକ ସଚେତନ ରହିବାକୁ ସ୍ୱାସ୍ଥ୍ୟ ସଚିବ ପରାମର୍ଶ ଦେଇଛନ୍ତି । ପାନୀୟ ଦୂଷିତ ଜଳ ଝାଡ଼ାବାନ୍ତିର ଏକ

ପ୍ରମୁଖ କାରଣ ହୋଇଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ହେଲେ ଏହି ସଂକ୍ରମଣର ଅନ୍ୟ ଦିଗ ଉପରେ ସରକାରୀ ସ୍ତରେ ତର୍ଜମା କରାଯାଉଛି। ଯାଜପୁର ସମେତ ଅନ୍ୟ ଜିଲ୍ଲାକୁ ଡାଇରିଆ ବ୍ୟାପୁଥିବାରୁ ଆଜିଠାରୁ ରାଜ୍ୟରେ ଷ୍ଟପ୍ ଡାଇରିଆ କ୍ୟାମ୍ପେନ୍ ଆରମ୍ଭ ହୋଇଛି ବୋଲି ସ୍ୱାସ୍ଥ୍ୟ ସଚିବ କହିଛନ୍ତି।

**- V/O –**

***DHNKL***

## ଢେଙ୍କାନାଳ- ଝାଡ଼ାବାନ୍ତି

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଜି ଢେଙ୍କାନାଳ ଜିଲ୍ଲା ଭୁବନ ଗସ୍ତ କରି ଷ୍ଟପ୍ ଡାଇରିଆ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ୪୫ ଦିନ ବ୍ୟାପୀ ଚାଲିବ। ସମସ୍ତେ ସତର୍କ ଓ ସଚେତନ ରହିପାରିଲେ ଆମେ ଝାଡ଼ାବାନ୍ତି ସଂକ୍ରମଣକୁ ରୋକିପାରିବା। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସମସ୍ତ ଆକ୍ରାନ୍ତ ରୋଗୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥାବସ୍ଥା ପଚାରି ବୁଝିଥିଲେ। ସୂଚନାଯୋଗ୍ୟ, ୪୨ ଜଣ ଆକ୍ରାନ୍ତ ଭୁବନ ଗୋଷ୍ଠୀକେନ୍ଦ୍ରରେ ଚିକିତ୍ସାଧୀନ ଥିବାବେଳେ ଆଜି ଏହି ସଂଖ୍ୟା ୬୩ରେ ପହଁଞ୍ଚିଛି ବୋଲି ଆମ ସମ୍ବାଦଦାତା କହିଛନ୍ତି।

BBSR/R

# ମଧ୍ୟାହ୍ନ ଭୋଜନ

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଶିଶୁବାଟିକାଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆସନ୍ତା ୨୦ ତାରିଖରୁ ମଧ୍ୟାହ୍ନ ଭୋଜନ ଦିଆଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ ସ୍କୁଲ ଖୋଲିବାର ପ୍ରଥମ ଦିନରୁ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବ। ସବୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଗଚ୍ଛିତ ଥିବା ମଧ୍ୟାହ୍ନ ଭୋଜନ ସାମଗ୍ରୀର ସଠିକ୍ ମାନ ଯାଞ୍ଚ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ରୋଷଶାଳାକୁ ସମ୍ପୂର୍ଣ୍ଣ ପରିଷ୍କାର ଓ ବିଶୁଦ୍ଧିକରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଡି.ଇ.ଓ, ବି.ଇ.ଓ ଏବଂ ଏସ୍.ଆର୍.ସି.ସି. କ୍ଷେତ୍ର ପରିଦର୍ଶନ କରି ଯାଞ୍ଚ କରିବେ। ସବୁ ବିଦ୍ୟାଳୟରେ ଖାଦ୍ୟ ପରୀକ୍ଷଣ ରେଜିଷ୍ଟର ରହିବ। ଅଭିଭାବକମାନେ ବିଶେଷ କରି ମା'ମାନେ ଖାଦ୍ୟ ଯାଞ୍ଚ କରିପାରିବେ ବୋଲି ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ରାଜ ସରକାରଙ୍କ ନିଷ୍ପତ୍ତି ଅନୁସାରେ, ଆସନ୍ତା ୧୮ ତାରିଖ ବୁଧବାର ପରିବର୍ତ୍ତେ ୨୦ ତାରିଖ ଶୁକ୍ରବାରରୁ ସ୍କୁଲ ଖୋଲିବ।

# ଡିଜିପି-ରଥଯାତ୍ରା

ଅଣସର ଘରେ ଥିବା ମହାପ୍ରଭୁଙ୍କୁ ଆଜି ଅନବସର ପଞ୍ଚମୀ ତିଥିରେ ବଡ଼ ଓଡ଼ିଆ ମଠ ପକ୍ଷରୁ ପ୍ରସ୍ତୁତ ଫୁଲୁରୀ ତେଲ ଲାଗି ହେବ। ଆକାଶବାଣୀ ସମାଚାର ବିଭାଗ ପକ୍ଷରୁ ଶ୍ରୀଜୀଉମାନଙ୍କର ଫୁଲୁରୀ ତେଲ ଲାଗି ନୀତି ସମ୍ପର୍କରେ ଏକ ରିପୋର୍ଟ...

*ଗତବର୍ଷର ହେରା ପଞ୍ଚମୀ ଦିନଠାରୁ ଘଣାପେଡ଼ା ରାଶି ତେଲରେ କର୍ପୁର, ଚୁଆ, ପରଖ, ପିଙ୍ଗଳ ଆଦି ସହ ୧୪ ପ୍ରକାର ଫୁଲ ଓ ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ପକାଯାଇ ମାଟିତଳେ ଏକ ପାତ୍ରରେ ଦୀର୍ଘ ଏକ ବର୍ଷ ଧରି ପୋତାଯାଇ ସ୍ୱତନ୍ତ୍ର ଭାବେ ଔଷଧୀୟ ତୈଳ ପ୍ରସ୍ତୁତ କରାଯାଇଛି। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ଏହି ତେଲକୁ ବାହାର କରାଯାଇଥିଲା। ପଞ୍ଚମୀ ତିଥିରେ ଆଜି ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯିବ। ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବାପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ଅଣସର ଘର ଦ୍ୱାର ଖୋଲାଯାଇ ଏହି ତେଲ ଲାଗି ନୀତି ଅନୁଷ୍ଠିତ ହେବ। ପତି ମହାପାତ୍ର ସେବକ ତିନୋଟି ରୂପା ପିଙ୍ଗଣରେ ଫୁଲରୀ ତେଲ ନେଇ ସଂସ୍କାର କରିବା ପରେ ଦଇତାପତିମାନେ*

*ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଏହାକୁ ମର୍ଦ୍ଦନ କରିବେ । ଶାସ୍ତ୍ର ଅନୁସାରେ ବିଶ୍ୱାସ ରହିଛି, ଏହି ତେଲ ଲାଗି ପରେ ଶ୍ରୀବିଗ୍ରହମାନଙ୍କର ଜ୍ୱର ଉପଶମ ହୋଇଥାଏ । ସ୍ନାନଯାତ୍ରାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କୁ ଅନବସର ଘରେ ଦଇତାପତି ସେବକମାନେ ଗୁପ୍ତସେବା ଓ ଉପଚାରରେ ଲାଗିଛନ୍ତି ।*

*ଜରରେ ପୀଡ଼ିତ ମହାପ୍ରଭୁଙ୍କୁ ୫୬ ପଉଟି ଭୋଗ ବଦଳରେ ନାନାଦି ଫଳମୂଳ ସହ କ୍ଷୀର, ଛେନା ଆଦିରେ ପ୍ରସ୍ତୁତ ପଣା ଓ ଚକଟା ଭୋଗ ଲାଗି ହେଉଛି । ଅଣସରରେ ଥିବା ଶ୍ରୀଜୀଉମାନେ ଶୁକ୍ଳବସ୍ତ୍ର ପରିଧାନ କରିବା ସହିତ ଶୁକ୍ଳ ଫୁଲ ଲାଗି ହୋଇଛନ୍ତି ।*

*ମଳୟ ରଞ୍ଜନ ମିଶ୍ର, ଆକାଶବାଣୀ ସମ୍ବାଦ ବିଭାଗ*

***Nayagarh***

## ନୟାଗଡ଼ ରଥଯାତ୍ରା ପ୍ରସ୍ତୁତି

ନୟାଗଡ଼ ଜିଲ୍ଲା ରଣପୁର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତି ସୁରମା ପାଢ଼ିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରଣପୁର ରାଜା ଦିଲ୍ଲୀପ ଚନ୍ଦ୍ର ସିଂହଦେଓ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷ ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳା ଓ ସୂଚାରୁରୂପେ ସମ୍ପନ୍ନ ହେବ ସେ ନେଇ ବିସ୍ତୃତଭାବେ ଆଲୋଚନା ହେବା ସହ ବିଭିନ୍ନ କମିଟି ଗଠନ କରାଯାଇଛି । ପରିମଳ, ପାନୀୟଜଳ, ରଥ କର୍ତ୍ତନ ଉପରେ ଗୁରୁତ୍ୱ ଦେବା ଏବଂ ରଥଖଳା ଉପରେ ତର୍ଜମା କରାଯାଇଥିଲା ।

*Ganjam*

## ଗୃହରକ୍ଷୀ ନିଯୁକ୍ତି

ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା ଆସନ୍ତା ୨୨ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ। ବ୍ରହ୍ମପୁର ସହରର ୮ଟି କେନ୍ଦ୍ରରେ ଲିଖିତ ପରୀକ୍ଷାରେ ଭାଗ ନେବା ପାଇଁ ୪ ହଜାର ୯୭ ଜଣ ପ୍ରାର୍ଥୀ ଚୟନ ହୋଇଥିବା ଜଣାପଡ଼ିଛି। ଲିଖିତ ପରୀକ୍ଷା ପରେ ଶାରୀରିକ ଦକ୍ଷତା ପରୀକ୍ଷା, ମୌଖିକ ପରୀକ୍ଷା ଓ ବୈଷୟିକ ଦକ୍ଷତା ପରୀକ୍ଷା ହେବ ବୋଲି ଜିଲ୍ଲା ପୁଲିସ ସୂତ୍ରରୁ ଜଣାପଡ଼ିଛି।

******************************